


# ଦର୍ପଣ ତହସିଲ : ଅସାଧୁ କର୍ମଚାରୀଙ୍କୁ ନେଇ ଅସନ୍ତୋଷ

ବାଲିଚନ୍ଦ୍ରପୁର, (ପିଏନ୍) :ଯାଜପୁର ଜିଲ୍ଲାର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଦର୍ପଣ ତହସିଲ ଅଞ୍ଚଳରେ ଦିନକୁ ଦିନ ବଢିଚାଲିଛି ମୋରମ, ବାଲି, ପଥର ଓ ଅନ୍ୟ ଲଘୁ ଖଣିଜ ପଦାର୍ଥର ଚୋରା କାରବାର। ଏ ସବୁ ଦିନ ଦ୍ୱିପ୍ରହରରେ ହେଉଥିଲେ ବି ପ୍ରଶାସନ କିଂକର୍ତ୍ତବ୍ୟମୂଢ। ଏଥିପାଇଁ ସରକାରଙ୍କ ବାର୍ଷିକ କୋଟି କୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି। ଚୋରା କାରବାରରେ ସମ୍ପୃକ୍ତ ମାଫିଆ ମାନେ ଖୁଲମଖୁଲା ଏ ସବୁ କାର୍ଯ୍ୟ କରି ଚାଲୁଥିଲେ ବି ପ୍ରଶାସନ ବିଛାଉଥିବା ଜାଲରୁ ମୁକୁଳି ଯାଉଛନ୍ତି। ତହସିଲ ପ୍ରଶାସନ ସେମାନଙ୍କୁ ଧରିବାରେ ବିଫଳ ହେଉଛି। କେବଳ ସେତିକି ନୁହେଁ ଗତ ୧୫ ଦିନ ତଳେ ଦର୍ପଣ ତହସିଲଦାର ଧାଉଡ଼ିଆପଦା ପାହାଡ଼ର ବେଆଇନ ଖନନ ସ୍ଥଳରେ ଅଚାନକ ଚଢାଉ କରିବା ସମୟରେ ସମ୍ପୃକ୍ତ ମାଫିଆ ମାନେ ତାଙ୍କୁ ଆକ୍ରମଣ କରିବାକୁ ପଛାଇନଥିଲେ। ଯାହାକି ପ୍ରଶାସନ ପାଇ ମାଫିଆ ମାନଙ୍କର ଖୋଲା ଚ୍ୟାଲେଞ୍ଜ ସଦୃଶ। ତେବେ ଏ ସବୁ ପଛରେ ଘର ଢିଙ୍କି କୁମ୍ଭିର ସାଜିଥିବା ଦର୍ପଣ ତହସିଲ ଅଫିସର ଜୈନିକ କର୍ମଚାରୀଙ୍କର ମାଫିଆ ମାନଙ୍କ ସହିତ ପ୍ରଚ୍ଛନ୍ନ ହାତ ରହିଥିବା ଅଭିଯୋଗ ହେଉଛି। ପ୍ରଶାସନ ଯୋଜନା ବଦ୍ଧ ଭାବେ କୌଣସି ସ୍ଥାନରେ ଚଢାଉ କରିବା ପୂର୍ବରୁ ଏହି କର୍ମଚାରୀ ଜଣଙ୍କ ମାଫିଆ ମାନଙ୍କ ନିକଟରେ ଚଢାଉ ପୂର୍ବରୁ ଆଗୁଆ ସୂଚନା ପହଞ୍ଚାଇ ଦିଅନ୍ତି। ଯାହା ଦ୍ୱାରା ପ୍ରଶାସନର ସମସ୍ତ ପ୍ରାକ ପ୍ରସ୍ତୁତି ଯୋଜନା ବାରମ୍ବାର ଫେଲମାରୁଛି। ଏଥିସହିତ ସରକାରଙ୍କର ବିପୁଳ ପରିମାଣର ରାଜସ୍ୱ କ୍ଷତି ମଧ୍ୟ ଘଟୁଛି। ସେହିପରି ଜମି ପଟ୍ଟା, ସାର୍ଟିଫାଏଡ଼ କପି, ଦାଖଲ ଖାରଜ ପରି ବିଭିନ୍ନ କାର୍ଯ୍ୟ ନେଇ ତହସିଲ କାର୍ଯ୍ୟାଳୟକୁ ଆସୁଥିବା ଜନସାଧାରଣଙ୍କୁ ଆଜି କାଲି କହି ବାରମ୍ବାର ଦୌଡ଼ାଇବା ସହ ବିନା ହାତ ଗୁଞ୍ଜାରେ କୌଣସି କାର୍ଯ୍ୟ କରୁନଥିବା ଲମ୍ବା ଅଭିଯୋଗ ଏହି ବଡ଼ବାବୁ ନାମରେ ଜନସାଧାରଣ ପକ୍ଷରୁ ହୋଇଆସୁଛି। ପ୍ରକାଶ ଥାଉକି ଉକ୍ତ ମହାଶୟ ଜଣଙ୍କ ପୂର୍ବରୁ କୋରେଇ ବ୍ଲକରେ ବିବାଦିୟ ହୋଇ ତଡ଼ା ଖାଇଥିବା ବେଳେ ରସୁଲପୁର ବ୍ଲକରେ ଥିବା ସମୟରେ ଭିଜିଲାନସ ବିଭାଗ ଦ୍ୱାରା ଗିରଫ ହୋଇ ଜେଲ ଯାଇଥିଲେ। ତେବେ ଏଭଳି ଜଣେ ବିବାଦିୟ ଅସାଧୁକର୍ମଚାରୀଙ୍କୁ ପଦୋନ୍ନତି ଦେଇ ଜିଲ୍ଲାର ଏକ ସମ୍ବେଦନଶୀଳ ତହସିଲ ଭାବେ ପରିଚିତ ଦର୍ପଣ ଠାରେ ଅବସ୍ଥାପିତ କରାଯିବାକୁ ନେଇ ସାଧାରଣରେ ତିବ୍ର ଅସନ୍ତୋଷ ସୃଷ୍ଟି ହେଉଛି। ସାଧାରଣ ଜନତାକୁ ସେବା ପ୍ରଦାନ କରି ପ୍ରଶାସନକୁ ଲୋକାଭିମୁଖି କରିବା ପାଇଁ ସରକାରଙ୍କ ତହବିଲରୁ ମୋଟା ଅଙ୍କର ଦରମା ନେଇ ଜନତାଙ୍କ ସେବାରେ ଆସୁନଥିବା ଏହି କର୍ମଚାରୀଙ୍କୁ ତୁରନ୍ତ ଏଠାରୁ ଅନ୍ୟତ୍ର ବଦଳି କରାଯାଇ ତହସିଲ ପ୍ରଶାସନକୁ କ୍ରିୟାଶିଳ କରାଯିବା ପାଇଁ ବୃଦ୍ଧିଜୀବୀ ମହଲରେ ଦାବୀ ହେଉଛି।

# ୭ମ ବେତନ କମିଶନରେ ପ୍ରାଥମିକ ଶିକ୍ଷକ ପ୍ରତାରିତ

## ଆନ୍ଦୋଳନ ପାଇଁ ସଜବାଜ

ଭୁବନେଶ୍ୱର, (ପିଏନ୍) : ରାଜ୍ୟ ସରକାର ୭ମ ବେତନ କମିଶନ ଲାଗୁ କରି ସରକାରୀ କର୍ମଚାରୀମାନଙ୍କୁ ଖୁସି କରିଛନ୍ତି ବୋଲି ଡିଣ୍ଡିମ ପିଟୁଛନ୍ତି । କିନ୍ତୁ ବାସ୍ତବରେ ସରକାରୀ କର୍ମଚାରୀମାନଙ୍କୁ କେନ୍ଦ୍ରୀୟ ଢାଞ୍ଚାରେ ଦରମା ଦିଆଯାଇନାହିଁ । ଏହି ପରିପ୍ରେକ୍ଷୀରେ ପ୍ରାଥମିକ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ କାର୍ଯ୍ୟରତ ଶିକ୍ଷକମାନଙ୍କୁ ଚଳିତ ବେତନ କମିଶନରେ ସରକାର ପ୍ରତାରିତ କରିଛନ୍ତି । ଫିଟ୍‌ମେଣ୍ଟ କମିଟିକୁ ଶିକ୍ଷକ ସଂଗଠନ ତରଫରୁ ଦାବୀ ଉପସ୍ଥାପନ କରାଯାଇଥିଲା କିନ୍ତୁ କୌଣସି ଗୋଟିଏ ଦାବୀ ମଧ୍ୟ ଗ୍ରହଣ କରାଯାଇନାହିଁ । ପରନ୍ତୁ ସମାନ ଗ୍ରେଡ୍ ପେ' ରେ ଦୀର୍ଘବର୍ଷ ଧରି କାର୍ଯ୍ୟ କରିଆସୁଥିବା ଶିକ୍ଷକମାନଙ୍କୁ ପୂର୍ବପରି ଟ.୨୨୦୦ ଗ୍ରେଡ୍ ପେ ଆଧାରରେ ପେ ମାଟ୍ରିକ୍ସରେ ସଂଶୋଧିତ ଦରମା ଦିଆଯାଇଅଛି । ଜଣେ ଶିକ୍ଷକ ୧.୧.୨୦୧୬ ପରେ ନିଯୁକ୍ତି ପାଇଲେ ଟ.୨୩,୬୦୦ ମୂଳ ଦରମା ପାଇବେ ଏବଂ ଦୀର୍ଘବର୍ଷ ଧରି ୧.୧.୨୦୧୬ ପୂର୍ବରୁ କାର୍ଯ୍ୟରତ ଶିକ୍ଷକମାନେ ମଧ୍ୟ ସେହି ଟ.୨୩,୬୦୦ ମୂଳ ଦରମା ହିସାବରେ ଦରମା ପାଇବେ । ଶିକ୍ଷକମାନଙ୍କର ବରିଷ୍ଠତାକୁ ବଚାରକୁ ନିଆ ନଯାଇ ସମସ୍ତ ପ୍ରାଥମିକ ଶିକ୍ଷକମାନଙ୍କୁ ସମାନ ସ୍ତରକୁ ନେଇଆସିଛନ୍ତି, ଯାହାକି ଦୁଃଖ ଓ ପରିତାପର ବିଷୟ । ତା ୧.୧.୨୦୧୬ ପରେ ନିଯୁକ୍ତି ପାଉଥିବା ଶିକ୍ଷକମାନଙ୍କ ପାଇଁ ମୂଳ ଦରମା ୭୪୦୦ ଟଙ୍କା ଉପରେ ୩.୧୮ ଗୁଣନ କରାଯିବାର ବ୍ୟବସ୍ଥା କରାଯାଇଥିବା ବେଳେ ତା ୧.୧.୨୦୧୬ ପୂର୍ବରୁ ଚାକିରୀ କରୁଥିବା ଶିକ୍ଷକମାନଙ୍କ କ୍ଷେତ୍ରରେ ମୂଳ ଦରମା ସହିତ ୨.୫୭ ଗୁଣନ କରି ଦରମା ସ୍ଥିର କରିବାକୁ କୁହାଯାଇଅଛି, ଯଦ୍ଦ୍ୱାରା ଶିକ୍ଷକ ମହଲରେ ହତାଶା ଓ ନୈରାଶ୍ୟର ଭାବ ଖେଳିଯାଇଛି । ସରକାରଙ୍କର ଏପରି ବୈମାତୃକ ମନୋବୃତ୍ତିର ଉଚିତ୍ ଜବାବ୍ ଦିଆଯିବ ବୋଲି ସଂଘ ତରଫରୁ କୁହାଯାଇଛି । ଏହି ଅସଂଗତି ବିଷୟରେ ମାନ୍ୟବର ମୁଖ୍ୟମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ, ଅର୍ଥମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର ଓ ଅର୍ଥବିଭାଗ ସଚିବଙ୍କ ଦୃଷ୍ଟି ଆକର୍ଷଣ କରାଯାଇଅଛି । ଯଦି ସରକାର ଆଗାମୀ ୧ ମାସ ମଧ୍ୟରେ ପ୍ରାଥମିକ ଶିକ୍ଷକଙ୍କର ଦରମା ଅସଙ୍ଗତି ଦୂର କରି ମୂଳ ଦରମା ଟ.୩୫,୪୦୦ ହିସାବରେ ଦରମା ନ ଦିଅନ୍ତି ତାହେଲେ ଶିକ୍ଷକମାନେ ସରକାରଙ୍କୁ ଜବାବ ଦେବାପାଇଁ ଭୁବନେଶ୍ୱରରେ ଆନ୍ଦୋଳନ କରିବେ ଓ ସୃଷ୍ଟ ପରିସ୍ଥିତି ପାଇଁ ସରକାର ଦାୟୀ ରହିବେ ବୋଲି ସଂଘ ତରଫରୁ ସଭାପତି ରାଜେଶ ମହାନ୍ତି, ସାଧାରଣ ସଂପାଦକ ଖଗେନ୍ଦ୍ରନାଥ ପାଳ, ମହାସଚିବ ବିକ୍ରମ ରଥ, କାର୍ଯ୍ୟକାରୀ ସଭାପତି ସହସ୍ରାଂଶୁ ଶେଖର ମହାନ୍ତି, ପୂର୍ଣ୍ଣାନନ୍ଦ ଆଚାର୍ଯ୍ୟ, ଉପସଭାପତି ମହେନ୍ଦ୍ର କୁମାର ମିଶ୍ର, ରାଜଲକ୍ଷ୍ମୀ ମହାପାତ୍ର, ସାଂଗଠନିକ ସମ୍ପାଦକ ଅନନ୍ତ କୁମାର ପରିଡା, ସହସଂପାଦକ ମାୟାଧର ମଲ୍ଲିକ, ଅଦ୍ୱୈତ ଜେନା, କୋଷାଧ୍ୟକ୍ଷ ପବିତ୍ର ମୋହନ ଜେନା, ମିଡ଼ିଆ ସଂଯୋଜକ ସୁନିଲ କୁମାର ମହାନ୍ତି, ପ୍ରମୁଖ ପ୍ରକାଶ କରିଛନ୍ତି ।

# ସଡକ ସୁରକ୍ଷା ସଚେତନତା ପାଇଁ ମୋଟର ସାଇକେଲ ଶୋଭାଯାତ୍ରା

## ରାସ୍ତା ଦୁର୍ଘଟଣା ଏଡାଇବା ପାଇଁ ଜନ ସହଯୋଗ ଲୋଡିଲେ ଜିଲ୍ଲାପାଳ ଓ ଏସ୍‌ପି




କେନ୍ଦୁଝର, (ପିଏନ୍) : ରାସ୍ତା ଦୁର୍ଘଟଣା ଏଡାଇବା ପାଇଁ ଜିଲ୍ଲାପାଳ ଡ଼ଃ ଏନ୍. ତିରୁମାଲା ନାୟକ ଏବଂ ଏସ୍‌ପି ରାଜେଶ ପଣ୍ଡିତ ଜିଲ୍ଲାବାସୀଙ୍କର ସକ୍ରିୟ ସହଯୋଗ କାମନା କରିଛନ୍ତି। ଚଳିତ ସେପ୍ଟେମ୍ବର ୧୦ ତାରିଖ ରବିବାର ଦିନ ସଡକ ସୁରକ୍ଷା ସଂପର୍କରେ ଜନ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଜିଲ୍ଲା ସଡକ ସୁରକ୍ଷା କମିଟି ଏବଂ ଜିଲ୍ଲା ରେଡକ୍ରସ ସଂସ୍ଥା ଆନୁକୂଲ୍ୟରେ ଅନୁଷ୍ଠିତ ମୋଟର ସାଇକେଲ ଶୋଭାଯାତ୍ରା ଅବସରରେ ଜିଲ୍ଲାପାଳ ଓ ଏସ୍‌ପି ଏହି ମର୍ମରେ ସମସ୍ତେ ନିଜେ ସଚେତନ ହୋଇ ଅନ୍ୟମାନଙ୍କୁ ସଚେତନ କରାଇବାକୁ ଆହ୍ୱାନ ଜଣାଇଛନ୍ତି। ରବିବାର ପୂର୍ବାହ୍ନ ୯ଟା ୩୦ମିନିଟ ସମୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ଓ ଏସ୍‌ପି ପତାକା ହଲାଇ ମୋଟରସାଇକେଲ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ସମବେତ ଶୋଭାଯାତ୍ରୀ ଏବଂ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ଜିଲ୍ଲାପାଳ ଓ ଏସ୍‌ପି କହିଥିଲେ ଯେ, କେନ୍ଦୁଝର ଜିଲ୍ଲାରେ ରାସ୍ତା ଦୁର୍ଘଟଣାଜନିତ ଧନଜୀବନ ହାନୀ ଉଦ୍‌ବେଗର ବିଷୟ ହୋଇଛି। ସଚେତନତା କାର୍ଯ୍ୟକ୍ରମ ଜାରି ରହିଥିଲେ ହେଁ କେତେକଙ୍କର ବେପରୁଆ ମନୋଭାବ ପାଇଁ ରାସ୍ତା ଦୁର୍ଘଟଣା ବୃଦ୍ଧି ପାଉଛି। ମାନ୍ୟବର ସୁପ୍ରିମକୋର୍ଟ ଏବଂ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ସ୍ୱତନ୍ତ୍ର ଭାବେ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଟ୍ରାଫିକ୍ ନିୟମକୁ ମାନି ଗାଡି ଚଳାଇବା ନିମନ୍ତେ ସତର୍କ କରାଇ ଦିଆଯାଇଛି। ଜିଲ୍ଲାର ବିଭିନ୍ନ ସ୍ଥାନରେ ଯାଞ୍ଚ କାର୍ଯ୍ୟକ୍ରମକୁ କଡାକଡି ଭାବେ ତ୍ୱରାନ୍ୱିତ କରାଯାଉଛି। ଏହା କେବଳ ଜନସାଧାରଣଙ୍କ ଜୀବନକୁ ସୁରକ୍ଷିତ ରଖିବା ପାଇଁ। ଏଣୁ ଏ ଦିଗରେ ସମସ୍ତେ ସକରାତ୍ମକ ମନୋଭାବ ପୋଷଣ କଲେ ରାସ୍ତା ଦୁର୍ଘଟଣାକୁ ଏଡାଇ ଦେଇ ହେବ। ଗାଡିରେ ଓଭରଲୋଡିଂ ନନେବା,ଅଧିକ ବେଗରେ ଗାଡି ନ ଚଳାଇବା,ବିନା ଡ୍ରାଇଭିଂ ଲାଇସେନ୍ସରେ ଗାଡି ନଚଳାଇବା,ଟ୍ରାଫିକ୍ ନିୟମ ମାନିବା,ମାଲବାହୀ ଗାଡିରେ ଯାତ୍ରୀ ନେବା ଆଣିବା ନକରିବା,ନିଶାଦ୍ରବ୍ୟ ସେବନ କରି ଗାଡି ନ ଚଳେଇବା,ଦୁଇଚକିଆ ଯାନ ଚଳାଇବାବେଳେ ସର୍ବଦା ହେଲମେଟ ବ୍ୟବହାର କରିବା,ଚାରିଚକିଆ ଯାନ ଚଳାଇବାବେଳେ ସିଟବେଲ୍ଟ ବ୍ୟବହାର କରିବା,ଗାଡି ଚଳାଇବାବେଳେ ମୋବାଇଲ ବ୍ୟବହାର ନକରିବା,ନିର୍ଦ୍ଧାରିତ ରାସ୍ତାରେ ଗାଡି ଚଳାଇବା ଇତ୍ୟାଦି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଜିଲ୍ଲାପାଳ ଓ ଏସ୍‌ପି ଗୁରୁତ୍ୱାରୋପ କରିଛନ୍ତି। ମୋଟରସାଇକେଲ ଶୋଭାଯାତ୍ରା ଦଳ ଦୁଇ ଭାଗରେ ବିଭକ୍ତ ହୋଇ ଗୋଟିଏ ଦଳ କେନ୍ଦୁଝରରୁ ବାହାରି ଘସିପୁରା ପର୍ଯ୍ୟନ୍ତ ଯାଇଥିବାବେଳେ ଅନ୍ୟ ଦଳ କେନ୍ଦୁଝରରୁ ବଡବିଲ ପର୍ଯ୍ୟନ୍ତ ଯାଇଥିଲା। ବିଭିନ୍ନ ସ୍ଥାନରେ ଶୋଭାଯାତ୍ରା ଦଳ ରହଣି କରି ଜନସାଧାରଣଙ୍କୁ ସଡକ ସୁରକ୍ଷା ସଂପର୍କରେ ସଚେତନ କରାଇଥିଲେ। ଜିଲ୍ଲାପାଳ ଓ ଏସ୍‌ପି ନିଜେ ମୋଟରସାଇକେଲ ଶୋଭାଯାତ୍ରା ଦଳରେ ସାମିଲ ହୋଇଥିଲେ। ଆରଟିଓ ନିର୍ମଳ ଚନ୍ଦ୍ର ମହାନ୍ତିଙ୍କ ସମେତ ଜିଲ୍ଲାର ସମସ୍ତ ଉପଜିଲ୍ଲାପାଳ,ଏସ୍‌ଡିପିଓ ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ମୋଟରସାଇକେଲ ଶୋଭାଯାତ୍ରାର ତତ୍ତ୍ୱାବଧାନ କରିଥିବାବେଳେ ବିଭିନ୍ନ ସଂଘ/ଅନୁଷ୍ଠାନର କର୍ମକର୍ତ୍ତା, ଗଣମାଧ୍ୟମ ପ୍ରତିନିଧି, ବୁଦ୍ଧିଜୀବି ତଥା ଜନସାଧାରଣ ସହଯୋଗ କରିଥିଲେ।

# ଗ୍ରୁପ୍‘ବି’/ଗ୍ରୁପ୍‘ସି’ ଚୁକ୍ତିଭିତ୍ତିକ କର୍ମଚାରୀ ସଂଘର ଆନ୍ଦୋଳନ ଧମକ

ଭୁବନେଶ୍ୱର, (ପିଏନ୍) : ଓଡ଼ିଶା ସରକାରଙ୍କ ବିଭିନ୍ନ ବିଭାଗ ଅଧିନରେ ୫ ହଜାରରୁ ଉର୍ଦ୍ଧ୍ୱ ନିଯୁକ୍ତ ଚୁକ୍ତିଭିତ୍ତିକ କର୍ମଚାରୀ ଯେଉଁମାନେ କି ଗ୍ରୁପ୍ ‘ବି’ ଓ ଗ୍ରୁପ୍ ‘ସି’ ବର୍ଗର ଅଟନ୍ତି, ସେମାନଙ୍କୁ ସରକାରଙ୍କ ଘୋଷିତ ୭ମ ବେତନ କମିଶନ ହାରରେ ଦରମା ଲାଗୁ କରାନଯିବା ନେଇ ଅସନ୍ତୋଷ ବୃଦ୍ଧି ପାଇଛି । ଭୁବନେଶ୍ୱରସ୍ଥିତ କର୍ମଚାରୀ ଭବନଠାରେ ଚୁକ୍ତିଭିତ୍ତିକ କର୍ମଚାରୀମାନଙ୍କୁ ନେଇ ଆୟୋଜିତ ଏକ ସଭାରେ କର୍ମଚାରୀମାନେ ସରକାରଙ୍କୁ କଡା ସମାଲୋଚନା କରିବା ସହିତ ସହକାରୀ ତାଲିମ୍ ଅଧିକାରୀ ପ୍ରୋଗ୍ରେସିଭ୍ ଆସିଷ୍ଟାଣ୍ଟ, ଶିଳ୍ପ ପଦସ୍ତ ଅଧିକାରୀ, ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ, ଯୋଗାଣ ନିରୀକ୍ଷକ, ଷ୍ଟାଟିଷ୍ଟିକାଲ୍ ଫିଲ୍ଡ ସର୍ଭାୟର ଏହିପରି ବହୁ ପଦପଦବୀରେ ଥିବା ଚୁକ୍ତିଭିତ୍ତିକ କର୍ମଚାରୀଙ୍କ ଦରମା ପ୍ରଦାନରେ ସରକାର ଜାଣିଶୁଣି ଅବହେଳା କରିବା ନେଇ ସେମାନଙ୍କ ମନରେ ଘୋର ନୈରାଶ୍ୟ ସୃଷ୍ଟି କରିବା ସହ ୩୦୦ ରୁ ଉର୍ଦ୍ଧ୍ୱ କର୍ମଚାରୀଙ୍କ ମନରେ ହତାଶଭାବ ଦେଖାଦେଇଛି । ବିଜୟ କୁମାର ମଲ୍ଲ ଓ ମୃଣ୍ମୟ ରାଉତଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ସଭାରେ କର୍ମଚାରୀମାନେ ମତପ୍ରକାଶ କରିଛନ୍ତି ଯେ, ମାନ୍ୟବର ସୁପ୍ରିମକୋର୍ଟ ଦେଇଥିବା ସମାନ କାମକୁ ସମାନ ଦରମା ରାୟ ପ୍ରତି ସରକାର ବିଚାରକୁ ନେଇ ୭ମ ବେତନ କମିଶନ ଲାଗୁ ବେଳେ ସମସ୍ତ ସୁବିଧା ପ୍ରଦାନ କରିବେ ବୋଲି ଓଡ଼ିଶା ରାଜ୍ୟ ସରକାରୀ ଗ୍ରୁପ୍ ‘ବି’ ଓ ଗ୍ରୁପ୍ ‘ସି’ ଚୁକ୍ତିଭିତ୍ତିକ କର୍ମଚାରୀ ସଂଘ ଫିଟ୍‌ମେଣ୍ଟ କମିଟି ନିକଟରେ ଦାବୀ ରଖିଥିଲା । କିନ୍ତୁ ୭ମ ବେତନ କମିଶନ ଲାଗୁ ପରେ ଦେଖାଗଲା ଯେ, ଚୁକ୍ତିଭିତ୍ତିକ କର୍ମଚାରୀଙ୍କ କ୍ଷେତ୍ରରେ ଷଷ୍ଠ ବେତନର ମୂଳ ଦରମାରେ ମାତ୍ର ୨୫% ବୃଦ୍ଧି ହୋଇଛି । ଏହି କର୍ମଚାରୀମାନେ ଷଷ୍ଠ ବେତନ କମିଶନ ଅନୁଯାୟୀ ମୂଳ ଦରମା ଟ.୯,୩୦୦/- ଓ ଗ୍ରେଡ୍ ପେ- ଟ. ୪,୨୦୦/- ମିଶାଇ ମୋଟ୍ ଟ.୧୩,୫୦୦/- ପାଉଛନ୍ତି । ଏହି ଦରମା ଅନୁଯାୟୀ ୨୫ ପ୍ରତିଶତ ବୃଦ୍ଧି ହେଲେ ମାତ୍ର ଟ.୨୨୦୦ ଅଧିକ ପାଇବେ । କିନ୍ତୁ ଏମାନେ ଦାବୀ କରିଛନ୍ତି ଯେ, ନିୟମିତ ଚାକିରୀ ପାଇବା ପର୍ଯ୍ୟନ୍ତ ଷଷ୍ଠ ବେତନର ମୂଳ ଦରମା ଓ ଗ୍ରେଡ୍ ପେ କୁ ମିଶ୍ରଣ କରି ତଦନୁଯାୟୀ ୭ମ ବେତନର ମୂଳ ଦରମା ଲାଗୁ କଲେ ଏମାନେ ଆର୍ଥିକ ଓ ମାନସିକ ଦୁଶ୍ଚିନ୍ତାରୁ ମୁକ୍ତି ପାଇଥାଆନ୍ତି । ତେବେ ସରକାର ଏମାନଙ୍କ ପ୍ରତି ଦରମା ପ୍ରଦାନ କ୍ଷେତ୍ରରେ ଯେଉଁ ନକରାତ୍ମକ ମନୋଭାବ ରଖି ଷଷ୍ଠ ବେତନରେ ମାତ୍ର ୨୫% ବୃଦ୍ଧି କରିଛନ୍ତି କର୍ମଚାରୀମାନେ ସରକାରଙ୍କ ଏତାଦୃଶ କାର୍ଯ୍ୟପ୍ରତି କଡା ସମାଲୋଚନା କରିଛନ୍ତି। ତେବେ ଷଷ୍ଠ ବେତନର ମୂଳ ଦରମା ଗ୍ରେଡ୍ ପେ କୁ ମିଶାଇ ଯେଉଁ ଦରମା ହେବ ତଦନୁଯାଇ ୭ମ ବେତନ କମିଶନର ମୂଳ ଦରମା ଧାର୍ଯ୍ୟ କରାଗଲେ ଏମାନେ ଆର୍ଥିକ ସୁବିଧା ପାଇବେ । ସରକାର ଯଦି ଏମାନଙ୍କ ପ୍ରତି ଅଣଦେଖା କରନ୍ତି ଏକ ମାସ ମଧ୍ୟରେ ସେମାନେ ବାଧ ହୋଇ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଧମକ ଦେଇଛନ୍ତି ।

# ଜିପ୍ପୋର ଜୋଡିଆକ୍ ଆଇକନିକ୍ ଓ୍ୱିଣ୍ଡ୍ ପ୍ରୁଫ୍ ଲାଇଟରର ବଜାର ପ୍ରବେଶ

ଭୁବନେଶ୍ୱର:ଜିପ୍ପୋ କମ୍ପାନୀ ପକ୍ଷରୁ ସନ୍ ସାଇନ୍ ଆଧାରରେ ବଜାର ପ୍ରବେଶ ହୋଇଥିବା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଓ୍ୱିଣ୍ଡ୍ ପ୍ରୁଫ୍ ଲାଇଟର୍ ଗ୍ରାହକଙ୍କ ଦ୍ୱାରା ବିଶେଷ ଆଦୃତି ଲାଭ କରିଥିବାବେଳେ ଏହି ଷ୍ଟାଇଲିସ୍ ଲାଇଟର୍ ଉପହାର ପ୍ରଦାନ ପାଇଁ ଉପଯୋଗୀ ସାବ୍ୟସ୍ତ ହେବ। ଏହି ଜୋଡିଆକ୍ ସାଇନ୍ ଲାଇଟର ଉପହାର ଦେବାକୁ ଉପଯୋଗୀ ସାବ୍ୟସ୍ତ ହେବ। ଏହି ଉତ୍ପାଦ ଗ୍ରାହକଙ୍କୁ ବିଶେଷ ଭାବରେ ଆକୃଷ୍ଟ କରିଥାଏ। ଏହି ଅନନ୍ୟ ଲାଇଟର ମେଟ୍ ବ୍ଲାକ୍ ଫିନିଓ୍ୱ ସହିତ ୧୨ଟି ବିଭିନ୍ନ ରାଶି ବା ଜୋଡିଆକ୍ ଚିହ୍ନରେ ଉପଲବ୍ଧ ହେଉଛି। ଏହା ସମ୍ପୂର୍ଣ୍ଣ ଭାବେ ସ୍କ୍ରାଚ୍ ପ୍ରତିରୋଧୀ ଜ୍ଞାନ କକୌଶଳଯୁକ୍ତ। ଏହା ଜୀବନବ୍ୟାପୀ ଗ୍ୟାରେଂଟି ସହିତ ଉପଲବ୍ଧ ହେଉଛି। ଏହା ମେଷ, ବୃଷ, ମିଥୁନ, କର୍କଟ, ସିଂହ, କନ୍ୟା, ତୁଳା, ବିଛା, ଧନୁ, ମକର,କୁମ୍ଭ, ମୀନ ରାଶିର ଚିହ୍ନରେ ଉପଲବ୍ଧ ହେଉଥିବାବେଳେ ଏହାର ମୂଲ୍ୟ ୩,୩୯୦ ଟଙ୍କା ରହିଛି। ଏହାର ବିସ୍ତୃତ ବର୍ଗର ଡିଜାଇନିଂ ଅନ୍ ଲାଇନ୍ ସପ୍ ଓ୍ୱିଲିୟମ୍ ପେନ୍ସରେ ଉପଲବ୍ଧ ହେଉଛି। ଏହାଛଡା ଦେଶର ୧୦ଟି ପ୍ରମୁଖ ସହରର ୨୮ଟି ଓ୍ୱିଲିୟମ୍ ପେନ୍ସ ଷ୍ଟୋର ତଥା ୩ଟି ସପ୍-ଇନ୍-ସପ୍‌ରେ ଏହା ଉପଲବ୍ଧ ହେଉଛି। ଗତ ୮୦ ଧରି ଜିପ୍ପୋ ବ୍ରାଣ୍ଡ୍ ଏହାର କାରବାର ଜାରି ରଖିଥିବାବେଳେ ଏହାର ଉତ୍ପାଦ ଗୁଡିକୁ ବ୍ୟବହାର କରିବା ସହଜ ଜନକ। ଏହାର ଗୁଣବତା ତଥା ବିଶ୍ୱାସନୀୟତା ଗ୍ରାହକଙ୍କୁ ଆକୃଷ୍ଟ କରିପାରିଛି। ସମ୍ପ୍ରତି ବିଶ୍ୱରେ ୪ ନିୟୁତ ଜିପ୍ପୋ ଓ୍ୱିଣ୍ଡ୍ ପ୍ରୁଫ୍ ଲାଇଟର ବ୍ୟବହାରକାରୀଥିବାବେଳେ ୧୧ଟି ଅଫିସର କ୍ଲବ୍‌ରେ ଏହାକୁ ବ୍ୟବହାର କରାଯାଉଛି। ସୂଚନା ଯୋଗ୍ୟ ଯେ, ଜିପ୍ପୋ ବ୍ରାଣ୍ଡ ୧୯୩୨ ମସିହାରେ ଜର୍ଜ ଜି.ବାଲିସଡେଲଙ୍କ ଦ୍ୱାରା ପେନସିଲ୍‌ଭାନିଆର ବ୍ରାଡ୍‌ଫୋର୍ଡ ଠାରେ ସ୍ଥାପିତ ହୋଇଥିଲା। କମ୍ପାନୀ ବାର୍ଷିକ ୫୫୦ ନିୟୁତରୁ ଅଧିକ ଓ୍ୱିଣ୍ଡ୍ ପ୍ରୁଫ୍ ଲାଇଟର୍ ନିର୍ମିତ କରିଥାଏ। ଏହା ବୁଟେନ୍ କ୍ୟାଣ୍ଡେଲ୍ ଲାଇଟର, ଫ୍ରାଗ୍ରାନ୍ସ ଲାଇଟର ସହିତ ବିଭିନ୍ନ ଉତ୍ପାଦ ପ୍ରସ୍ତୁତ କରିଥାଏ। ଜିପ୍ପୋ ବିଶ୍ୱବ୍ୟାପି ୨୦୦ରୁ ଅଧିକ ଦେଶରେ କାରବାର ଜାରି ରଖିଛି।



ୟୁ.ଟି.ଆର ଗୁରୁଦିବସ ଅବସରରେ ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ବିଶିଷ୍ଟ ସାହିତ୍ୟିକ ତଥା ପ୍ରାଧ୍ୟାପକ ଡକ୍ଟର ପ୍ରେମାନନ୍ଦ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ।

# ସେପ୍ଟେମ୍ବର ୨୧ରେ ଆଇନ ଅମାନ୍ୟ ଆନ୍ଦୋଳନ ପାଇଁ ପ୍ରସ୍ତୁତି

ଭୁବନେଶ୍ୱର, (ପିଏନ୍) : ଭାଷା ଆଇନକୁ କାର୍ଯ୍ୟକାରୀ କରିବାରେ ସରକାରଙ୍କର ଅନିଚ୍ଛା ଓ ଟାଳଟୁଳ ନୀତି ବିରୋଧରେ ‘ଭାଷା ସୁରକ୍ଷା ସମ୍ମିଳନୀ’ ପକ୍ଷରୁ ଆସନ୍ତା ସେପ୍ଟେମ୍ବର ୨୧ରେ ଭୁବନେଶ୍ୱରଠାରେ ଆଇନ ଅମାନ୍ୟ ଆନ୍ଦୋଳନ ହେବ। ଭାରତବର୍ଷର ସାଂପ୍ରତିକ ଇତିହାସରେ ନିଜ ଭାଷାରେ ଶାସନ ଓ ନ୍ୟାୟ ପାଇଁ ପ୍ରଥମଥର ଲାଗି ଓଡ଼ିଶାର ସାହିତ୍ୟିକ, ବୁଦ୍ଧିଜୀବୀ, ରାଜନେତା, ଶିକ୍ଷକ, ଅଧ୍ୟାପକ, ଛାତ୍ର ଯୁବକମାନେ ଶହଶହ ସଂଖ୍ୟାରେ ଆଇନ ଅମାନ୍ୟ ଆନ୍ଦୋଳନ କରିବେ। ଏହି ଆନ୍ଦୋଳନକୁ ସଫଳ କରିବା ପାଇଁ ଆଜି ସ୍ଥାନୀୟ ସର୍କିଟ ହାଉସ୍‌ଠାରେ ସମ୍ମିଳନୀର ସଭାପତି ପୂର୍ବତନ ସାଂସଦ ବୈଷ୍ଣବ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଆନ୍ଦୋଳନରେ ଯୋଗଦେବା ପାଇଁ ରାଜ୍ୟର ସବୁ ଜିଲ୍ଲାରେ ଉତ୍ସାହ ଉଦ୍ଦୀପନାର ସହିତ ପ୍ରସ୍ତୁତି ଚାଲିଛି ବୋଲି ବୈଠକରେ ଉପସ୍ଥିତ ବିଭିନ୍ନ ଦଳର ନେତୃମଣ୍ଡଳୀ ଓ ପ୍ରତିନିଧିମାନଙ୍କୁ ଜଣାଇଥିଲେ। ବିଭିନ୍ନ ସ୍କୁଲ, କଲେଜ, ସାହିତ୍ୟ, ସାଂସ୍କୃତିକ ଅନୁଷ୍ଠାନର ବୈଠକ ପରେ ଭାଷା ଆନ୍ଦୋଳନର କର୍ମୀମାନେ ଆଇନ ଅମାନ୍ୟ ଆନ୍ଦୋଳନର ଆବଶ୍ୟକତା ସଂପର୍କରେ ବୁଝାଇଥିଲେ।

ଆସନ୍ତା ୨୧ ତାରିଖ ଦିନ ୧୦ଟା ବେଳେ ଭୁବନେଶ୍ୱର ସମେତ ସବୁ ଜିଲ୍ଲାରୁ ଆନ୍ଦୋଳନକାରୀମାନେ ମାଷ୍ଟରକ୍ୟାଣ୍ଟିନ୍ ଛକଠାରେ ସମବେତ ହେବାକୁ ସ୍ଥିର ହୋଇଛି। ସେଠାରେ ସମବେତ ଆନ୍ଦୋଳନକାରୀଙ୍କୁ ବିଭିନ୍ନ ରାଜନୈତକ ଦଳର ନେତୃବୃନ୍ଦଙ୍କ ସମେତ ବିଶିଷ୍ଟ ଲେଖକ, ସାହିତ୍ୟିକ ଓ ବୁଦ୍ଧିଜୀବୀମାନେ ସମ୍ବୋଧିତ କରିବେ। ତା’ ପରେ ଆନ୍ଦୋଳନୀକାରୀମାନେ ସ୍ଥାନୀୟ ମହାତ୍ମା ଗାନ୍ଧୀ ମାର୍ଗର ଲୋୟର ପିଏମ୍‌ଜି ଛକକୁ ଶୋଭାଯାତ୍ରାରେ ଯାଇ ଆଇନ ଭଙ୍ଗ କରିବେ। ଭୁବନେଶ୍ୱରରେ ଛାତ୍ର, ଯୁବକ, ଶିକ୍ଷକ, ଅଧ୍ୟାପକ, ରାଜନୈତିକ ଦଳର କର୍ମୀ ଓ ଆଇନଜୀବୀମାନଙ୍କୁ ସଂଗଠିତ କରି ମାତୃଭାଷାର ସୁରକ୍ଷା ପାଇଁ ଏହି ଆଇନ ଅମାନ୍ୟ ଆନ୍ଦୋଳନରେ ଯୋଗ ଦେବା ପାଇଁ ଆଜିକାର ବୈଠକରେ ନିବେଦନ କରାଯାଇଛି।

ଆଜିକାର ପ୍ରସ୍ତୁତି ବୈଠକରେ ପୂର୍ବତନ ମନ୍ତ୍ରୀ ବିଶ୍ୱଭୁଷଣ ହରିଚନ୍ଦନ, ପୂର୍ବତନ ସାଂସଦ ଶିବାଜୀ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ସୁର ଜେନା, ହୃଦୟବଲ୍ଲଭ ଦାସ, ଶିବାନନ୍ଦ ରାୟ, ଅନୀଲ ଧୀର, ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ଡ. ନିତ୍ୟାନନ୍ଦ ପଟ୍ଟନାୟକ, ଯୁଗଳ କିଶୋର ସାହୁ, ବାନାମ୍ବର ବାରିକ, ସତ୍ୟବାଦୀ ବଳିୟାର ସିଂହ, ଭୀମସେନ ପ୍ରଧାନ, ଶତ୍ରୁଘ୍ନ ଭୂତିଆ, ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ, ରମେଶ ଚନ୍ଦ୍ର, ବିଶ୍ୱନାଥ ବେହେରା, ଅମିତାଭ ଖିଲାର, ବିଦ୍ୟାଧର ବେହେରା, ହେମନ୍ତ କୁମାର ନାୟକ, ନୃସିଂହ ଚରଣ ମହାପାତ୍ର, ଅଧ୍ୟାପକ ପ୍ରକାଶ ଚନ୍ଦ୍ର ବେହେରା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ୨୧ ତାରିଖ ଆଇନ ଅମାନ୍ୟ ଆନ୍ଦୋଳନକୁ ସଫଳ କରିବା ପାଇଁ ଭାଷାପ୍ରେମୀ ଓଡ଼ିଆମାନଙ୍କୁ ନିବେଦନ କରିଛନ୍ତି।

# ଭୁଷୁଡ଼ିଲା ଓଭରବ୍ରିଜ, ପୂର୍ତ୍ତ ଓ ରେଳ ବିଭାଗ ହତ୍ୟାକାରୀ : ସମାଜବାଦୀ ପାର୍ଟି

ଭୁବନେଶ୍ୱର, (ପିଏନ୍) : ଭୁବନେଶ୍ୱର ବମିଖାଲ ରେଳ ଓଭରବ୍ରିଜ୍ ଭୁଷୁଡ଼ିବା ଘଟଣାରେ ରାଜ୍ୟ ସରକାରଙ୍କ ପୂର୍ତ୍ତ ବିଭାଗ ଓ ରେଳ ବିଭାଗ ହତ୍ୟାକାରୀ ବୋଲି ସମାଜବାଦୀ ପାର୍ଟି ଓଡ଼ିଶା ରାଜ୍ୟ କମିଟି ଅଭିଯୋଗ କରିଛି । ପାର୍ଟିର ରାଜ୍ୟ ସଭାପତି ରବି ବେହେରା ଘଟଣାସ୍ଥଳ ପରିଦର୍ଶନ କରିବା ସହିତ ଓଭରବ୍ରିଜ୍ ଭୁଷୁଡ଼ିବା ଘଟଣାର ବିଧାନସଭା ହାଉସ୍ କମିଟି ଦ୍ୱାରା ତଦନ୍ତ କିମ୍ବା ଉଚ୍ଚ ନ୍ୟାୟାଳୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏସ.ଆଇ.ଟି. ତଦନ୍ତ କରିବାକୁ ଶ୍ରୀ ବେହେରା ଦାବୀ କରିଛନ୍ତି । ପୂର୍ତ୍ତ ବିଭାଗ ଦ୍ୱାରା ନିର୍ମିତ କଟକ-ବାଙ୍କୀ ରାସ୍ତାର ମହାନଦୀ ସେତୁ ଦୁଇ ବର୍ଷ ତଳେ ଭୁଷୁଡି ପଡ଼ିଥିଲା । ସେହିଭଳି ମାଲକାନାଗିରି ଜିଲ୍ଲାର ଗୁରୁପ୍ରିୟା ସେତୁ ମଧ୍ୟ ଗତବର୍ଷ ଭୁଷୁଡି ଥିଲା । ପୂର୍ତ୍ତ ବିଭାଗର ଦୁର୍ନୀତି, ନିମ୍ନମାନର କାମ ଏବଂ ବେଖିଆଲି ତଦାରଖ ଯୋଗୁଁ ଗୋଟିକ ପରେ ଗୋଟିଏ ସେତୁ ବା ଫ୍ଲାଏଓଭର ଭୁଷୁଡିବାର ଲାଗିଛି । ଆଜିର ବମିଖାଲ ରେଳ ଓଭରବ୍ରିଜ୍ ଭୁଷୁଡ଼ିବା ଏହାର ଏକ ଅଂଶବିଶେଷ । କେବଳ ଦୁଇଜଣ ଇଂଜିନିୟରଙ୍କୁ ସସ୍‌ପେଣ୍ଡ କରିଦେଲେ, ମୃତକଙ୍କୁ କ୍ଷତିପୂରଣ ଓ ଆହତଙ୍କୁ ମାଗଣା ଚିକିତ୍ସା ଯୋଗାଇଦେଲେ ଏଭଳି ଘଟଣାର ଯେ ପୁନରାବୃତ୍ତି ଆଗାମୀ ଦିନ ନ ହେବ ତାହାର କେହି ଗ୍ୟାରେଣ୍ଟି ଦେଇପାରିବେ ନାହିଁ । ମୁଖ୍ୟମନ୍ତ୍ରୀଙ୍କୁ ତାଙ୍କର ଅନୁକମ୍ପାମୂଳକ ସହାୟତା ଓ ଆହତଙ୍କ ପାଇଁ ମାଗଣା ଚିକିତ୍ସା ବ୍ୟବସ୍ଥା କରିବା ନିଶ୍ଚିତଭାବେ ସ୍ୱାଗତଯୋଗ୍ୟ । କିନ୍ତୁ ଘଟଣା ପାଇଁ ଦାୟୀ ପୂର୍ତ୍ତ ବିଭାଗ ଓ କାମ କରୁଥିବା ଠିକାଦାର ବିରୁଦ୍ଧରେ ୩୦୨ ଦଫାରେ ମୋକଦ୍ଦମା ରୁଜୁ କରି ଘଟଣାର ତଦନ୍ତ କରିବାକୁ ଶ୍ରୀ ବେହେରା ଦାବୀ କରିଛନ୍ତି । ଏହି ତଦନ୍ତ ଆଗାମୀ ଦିନ ପାଇଁ ଯେଭଳି ଏକ ନିୟାମକ ସାଜେ ଏହାକୁ ଦେଖିବା ରାଜ୍ୟସରକାର ତଥା ରେଳ ବିଭାଗର ଦାୟିତ୍ୱ । ତେଣୁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସଂଗେ ସଂଗେ ଘଟଣା ପାଇଁ ଦାୟୀ ପୂର୍ତ୍ତ ବିଭାଗ ଶାସନ ସଚିବ ଏବଂ ସମନ୍ୱୟ ରକ୍ଷାକାରୀ ରେଳ ବିଭାଗର ପଦସ୍ଥ ଅଫିସରମାନଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସଂଗେ ସଂଗେ ଏହି ମଣିଷକୃତ ଅକ୍ଷମଣୀୟ ଅପରାଧ ଯୋଗୁଁ ୩୦୨ ଦଫାରେ ହତ୍ୟା ମକଦ୍ଦମା ରୁଜୁ କରିବାକୁ ଶ୍ରୀ ବେହେରା ଦାବୀ କରିଛନ୍ତି ।

# ଫର୍ଡ ଇଣ୍ଡିଆ ପକ୍ଷରୁ ଗ୍ଲୋବାଲ କେୟାରିଂ ମନ୍ଥ

ଭୁବନେଶ୍ୱର- ଭାରତରେ ଗ୍ଲୋବାଲ କେୟାରିଂ ମନ୍ଥ ପାଳନ କରିବାକୁଯାଇ ଫର୍ଡ ଇଣ୍ଡିଆ ପକ୍ଷରୁ ଚଳିତ ସେପ୍ଟେମ୍ବର ମାସରେ ୧୪,୦୦୦ ଉତ୍ସର୍ଗିକୃତ ପୁରୁଷ ଏବଂ ମହିଳାଙ୍କ ନିକଟରେ ପହଞ୍ଚିବା ପାଇଁ ନିଷ୍ପତି ନିଆଯାଇଛି । ୪୭ଟି ପ୍ରକଳ୍ପ ଉପରେ ସ୍ୱେଚ୍ଛାକୃତ କାର୍ଯ୍ୟ କରିବା ପରେ ସମଗ୍ର ଭାରତରେ ଫର୍ଡ କର୍ମଚାରୀମାନେ ଚେନ୍ନାଇ, ସାନନ୍ଦ, ଗୁଡ଼ଗାଓଁ ଏବଂ କୋଏମ୍ବାଟୁର ଠାରେ ଶିକ୍ଷା, ପରିବେଶ ସୁରକ୍ଷା, ନିରାପତ୍ତା ତଥା ବ୍ୟକ୍ତିଗତ ସହାୟତା କ୍ଷେତ୍ରରେ ଯୋଗଦାନ କରିବାର କାର୍ଯ୍ୟକ୍ରମ ରହିଛି । ଫର୍ଡର ଗ୍ଲୋବାଲ କେୟାରିଂ ମନ୍ଥ ୨୦୦୫ ମସିହାରୁ ଆରମ୍ଭ ହୋଇଥିବା ବେଳେ ଏହି ସେବା ୫୦ରୁ ଅଧିକ ଦେଶରେ ପ୍ରଚଳନ କରାଯାଉଛି । ଚଳିତ ସେପ୍ଟେମ୍ବରରେ ୬ଟି ସ୍ଥାନରେ ୬୦୦ରୁ ଅଧିକ ପ୍ରକଳ୍ପ କାର୍ଯ୍ୟକାରୀ କରାଯିବାର ବ୍ୟବସ୍ଥା ରହିଛି ।ଏହି ପରିପ୍ରେକ୍ଷୀରେ ଫର୍ଡ ଇଣ୍ଡିଆର ସଭାପତି ଏବଂ ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ, ଅନୁରାଗ ମେହୋତ୍ରା କହିଛନ୍ତି ଯେ, “ସ୍ୱଚ୍ଛ ଜଳ ହେଉ ତଥା ଶିଶୁମାନଙ୍କୁ ସାହାଯ୍ୟ କରିବା ପାଇଁ କିମ୍ବା ବିଭିନ୍ନ ପରିବାରକୁ ସହାୟତା କରିବା ସହିତ ଉତ୍ତମ ପରିବେଶ ସୃଷ୍ଟି ପାଇଁ ଫର୍ଡ୍ କର୍ମଚାରୀମାନଙ୍କ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଆସିଛି ।” ବିଭିନ୍ନ ସ୍ଥାନ ଗୁଡ଼ିକରେ ହେବାକୁଥିବା କେତେକ ସ୍ୱେଚ୍ଛାକୃତ କାର୍ଯ୍ୟ ଗୁଡିକ ମଧ୍ୟରେ ଚେନ୍ନାଇ ଠାରେ ବୈଜ୍ଞାନିକ କର୍ମଶାଳା, ମେନସୁରେସନାଲ ଶିକ୍ଷା, ବୃକ୍ଷରୋପଣ ଏବଂ ଶିକ୍ଷାଜନିତ ମେଳାର କାର୍ଯ୍ୟକ୍ରମ; ସାନନ୍ଦ ଠାରେ ଗ୍ରିନ ମାରାଥନ, କଲେଜରେ ଅଟୋସେଫ୍ଟି କର୍ମଶାଳା, ଦକ୍ଷତା ଖୋଜ ପ୍ରତିଯୋଗିତା ଏବଂ ରକ୍ତ ଇନଫ୍ୟୁଜନ କାର୍ଯ୍ୟକ୍ରମ ଇତ୍ୟାଦି; ଗୁଡ଼ଗାଓଁ ଠାରେ ବୃକ୍ଷରୋପଣ, ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମ ଇତ୍ୟାଦି ଏବଂ କୋଏମ୍ବାଟୁର ଠାରେ ବୃକ୍ଷରୋପଣ, ପେଣ୍ଟିଙ୍ଗ, ହାଇଜିନ ଏବଂ ସାନିଟେସନର ସଚେତନତା ପାଇଁ କର୍ମଶାଳା ଇତ୍ୟାଦି ଅର୍ନ୍ତଭୂକ୍ତ ।